ସମ୍ବାଦ

## ଗଙ୍ଗାଧର ରଥଙ୍କ ଜନ୍ମଶତବାର୍ଷିକୀ

# 'ଗଙ୍ଗାଧର ରଥ ଥିଲେ ପ୍ରେରଣାର ଉତ୍ସ'




କଟକ,୧୧।୬(ଇମିସ): ଗଙ୍ଗାଧର ରଥ ଥିଲେ ମାନବବାଦୀ ଚେତନାର ପ୍ରସାରକ। ତାଙ୍କ ଜୀବନ ଧାରା ଥିଲା ଆଇନ ଓ ସାହିତ୍ୟର ସମନ୍ୱୟ। ସେ ସାହିତ୍ୟ ସାଧନା କରିବା ସହିତ ସାହିତ୍ୟିକ ଓ ଆଇନଜ୍ଞ ସୃଷ୍ଟି ପାଇଁ ପ୍ରୋତ୍ସାହନ ଦେଉଥିଲେ ବୋଲି କହିଛନ୍ତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ। କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଶତାବ୍ଦୀ ଭବନରେ ଆୟୋଜିତ ଗଂଗାଧର ରଥଙ୍କ ଜନ୍ମଶତବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରି ଜଷ୍ଟିସ୍ ଷଡ଼ଙ୍ଗୀ କହିଲେ ଯେ, ଗଂଗାଧର ରଥ ଥିଲେ ପ୍ରେରଣାର ଉତ୍ସ। ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ କବି ଅମରେଶ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଶ୍ରୀ ଗଂଗାଧର ରଥ ଫାଉଣ୍ଡେସନର ସଂପାଦିକା ସ୍ମିତା ରଥ, ଗଙ୍ଗାଧର ରଥଙ୍କୁ ଆଦର୍ଶବାଦୀ ପୁରୁଷ ଭାବେ ବର୍ଣ୍ଣନା କରିଥିଲେ। 'ପୌରୁଷ'ର ସଂପାଦକ ଅସିତ ମହାନ୍ତି ମୂଳଭାଷଣ ପ୍ରଦାନ କରି ଗଂଗାଧରଙ୍କୁ ଅନନ୍ୟ ବ୍ୟକ୍ତି ଭାବେ ଅଭିହିତ କରିଥିଲେ। ସାହିତ୍ୟ ଏକାଡେମିର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ କହିଲେ, ସାହିତ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ରଥ 'ସାହିତ୍ୟ ଭାରତୀ ପୁରସ୍କାର' ପ୍ରଦାନ କରି ସ୍ମରଣୀୟ ହୋଇଛନ୍ତି। ଗବେଷକ କମଳ ମାହୁର ଧନ୍ୟବାଦ ପ୍ରଦାନ କରିଥିଲେ। ଡକ୍ଟର ବୈଜୟନ୍ତୀ ମିଶ୍ର ଉତ୍ସବର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ପ୍ରଫେସର ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଦେବବ୍ରତ ମଦନରାୟ ଓ ପୀତାମ୍ବର ଆଚାର୍ଯ୍ୟ ଶ୍ରୀ ରଥଙ୍କ ସାହିତ୍ୟ ଓ ଆଇନ ଜଗତ ସଂପର୍କରେ କହିଥିଲେ। ଡକ୍ଟର ସାରଦା ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଜୟ କୁମାର ପଢ଼ିହାରୀ ସଭାପତିତ୍ୱ କରିଥିବା ବେଳେ ଡକ୍ଟର ଯତୀନ୍ଦ୍ର କୁମାର ରାଉତ ଓ ଡକ୍ଟର ସୋମା ଚାନ୍ଦ ଗଂଗାଧରଙ୍କ ଜୀବନୀ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଲିପ୍ସିତା ରଥ ଧନ୍ୟବାଦ ଦେଇଥିଲେ।

Gangadhar Rath Birth Centenary seminar Sambad 12.06.22